भारतसरकार
पृथ्वीविज्ञानमंत्रालय
भारतमौसमविज्ञानविभाग
मौसमविज्ञानकेंद्र
भुवनेश्वर, ओडिशा–751020

ଭାରତ ସରକାର
ପୃଥିବୀ ବିଜ୍ଞାନ ମନ୍ତ୍ରାଳୟ
ଭାରତ ପାଣିପାଗବିଜ୍ଞାନ ବିଭାଗ
ପାଣିପାଗ ବିଜ୍ଞାନ କେନ୍ଦ୍ର
ଭୁବନେଶ୍ୱର, ଓଡିଶା-୭୫୧୦୨୦

# ପ୍ରେସ ବିଜ୍ଞପ୍ତି

**ତାରିଖ: ୧୯.୦୫.୨୧**
**ସମୟ: ଅପରାହ୍ଣ ୪:୦୦**

**ବିଷୟ: ଉତ୍ତର ଆଣ୍ଡାମାନ ସାଗର ଏବଂ ସଂଲଗ୍ନ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ମଇ ମାସ ୨୨ ତାରିଖ ବେଳକୁ ଲଘୁଚାପ କ୍ଷେତ୍ର ସୃଷ୍ଟି ଏବଂ ଏହା ଘନୀଭୂତ ହୋଇ ବାତ୍ୟାର ପରିଣତ ହେବା ସମ୍ଭାବନା |**

ମଇ ମାସ ୨୧ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହୋଇ ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ସଂଲଗ୍ନ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ପହଁଚିବା ସହିତ, ଏହି ଅଞ୍ଚଳରେ ଦକ୍ଷିଣ-ପଶ୍ଚିମଦିଗରୁ ବାୟୁ ସକ୍ରିୟ ହେବା ସହ ଶକ୍ତିଶାଳୀ ହେବାର ସମ୍ଭାବନା ରହିଛି | ମୌସୁମୀ ବାୟୁ ର ଉପସ୍ଥିତି, ଉପଯୋଗୀ ବାୟୁମଣ୍ଡଳୀୟ ଏବଂ ସାମୁଦ୍ରିକ ସ୍ଥିତି ଯେପରିକି ସଂକଳନ ପାଇଁ ଅନୁକୂଳ ପରିବେଶ, ସମୁଦ୍ର ପୃଷ୍ଠର ତାପମାତ୍ରା, ମଧ ଆଣ୍ଡାମାନ ସାଗର ଉପରେ ସ୍ଥିର ମେଘ ଏବଂ ବଙ୍ଗୋପସାଗରର ପୂର୍ବ ଏବଂ ଦକ୍ଷିଣ ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳ ଉପରେ ପାଗ ୨୨ ତାରିଖ ବେଳକୁ ସକ୍ରିୟ ହେବା ର ସମ୍ଭାବନା ସମ୍ଭାବନା ରହିଛି |

**ତେଣୁ ଉତ୍ତର ଆଣ୍ଡାମାନ ସାଗର ଏବଂ ସଂଲଗ୍ନ ବଙ୍ଗୋପସାଗରର ପୂର୍ବ -କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ୨୨ ତାରିଖ ବେଳକୁ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି | ପରବର୍ତ୍ତୀ ୭୨ ଘଣ୍ଟା ମଧ୍ୟରେ ଏହା ଧୀରେ ଧୀରେ ଘନୀଭୂତ ହୋଇ ସାମୁଦ୍ରିକ ଝଡ ବା ବାତ୍ୟା ରେ ପରିଣତ ହେବାର ସମ୍ଭାବନା ରହିଛି | ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରି ପଶ୍ଚିମବଙ୍ଗ - ଓଡିଶା ଉପକୂଳରେ ୨୬ ତାରିଖ ସନ୍ଧ୍ୟା ସମୟରେ ପହଞ୍ଚିବା ସମ୍ଭାବନା ରହିଛି |**

**ବର୍ଷାଜନିତ ଚେତାବନୀ:**

୨୫ ତାରିଖ ରାତି ଠାରୁ ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବା ସହ ଗୋଟିଏ ରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ଏବଂ ପରବର୍ତ୍ତୀ ସମୟରେ ବର୍ଷାର ତୀବ୍ରତା ବୃଦ୍ଧି ସହିତ ବିସ୍ତାରର ବୃଦ୍ଧି ହେବାର ସମ୍ଭାବନା ରହିଛି |

**ପବନଜନିତ ଚେତାବନୀ:**

୨୩ ତାରିଖବେଳକୁ ଆଣ୍ଡାମାନ ସାଗର ଏବଂ ସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ପବନ ଘଣ୍ଟା ପ୍ରତି ୪୫ ରୁ ୫୫ କିଲୋମିଟର ତଥା ଝଟକା ପବନ ଘଣ୍ଟା ପ୍ରତି ୬୫ କିଲୋମିଟର ବେଗରେ ରହିବାର ସମ୍ଭାବନା ରହିଛି | ୨୩ ତାରିଖ ଏବଂ ପରବର୍ତୀ ସମୟରେ ପବନର ବେଗ ଘଣ୍ଟା ପ୍ରତି ୫୦ ରୁ ୬୦ କିଲୋମିଟର ତଥା ଝଟକା ପବନ ଘଣ୍ଟା ପ୍ରତି ୭୦ କିଲୋମିଟର ପର୍ଯ୍ୟନ୍ତ ବୃଦ୍ଧି ହେବାର ସମ୍ଭାବନା ରହିଛି ଏବଂ ୨୪ ରୁ ୨୬ ତାରିଖ ମଧ୍ୟରେ କେନ୍ଦ୍ରୀୟ ବଙ୍ଗୋପସାଗର, ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ତଥା ଓଡିଶା-ପଶ୍ଚିମବଙ୍ଗ-ବଙ୍ଗଳା ଦେଶ ଉପକୂଳରେ ପବନ ଆହୁରି ଶକ୍ତିଶାଳୀ ହେବାର ସମ୍ଭାବନା ରହିଛି |

**ମତ୍ସ୍ୟଜୀବୀମାନଙ୍କ ପାଇଁ ଜାରିହୋଇଥିବା ଚେତାବନୀ:**

ମତ୍ସ୍ୟଜୀବୀମାନଙ୍କୁ ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରୀୟ ବଙ୍ଗୋପସାଗରର ଗଭୀର ସମୁଦ୍ର ଅଞ୍ଚଳରେ ଏବଂ ଉତ୍ତର ବଙ୍ଗୋପସାଗର ତଥା ଓଡିଶା ଉପକୂଳ ମଧ୍ୟକୁ ୨୫ ରୁ ୨୭ ତାରିଖ ପର୍ଯ୍ୟନ୍ତ ପ୍ରବେଶ ନକରିବାକୁ ପରାମର୍ଶ ଦିଆଯାଇଛି।

**ଗଭୀର ସମୁଦ୍ରରେ ଥିବା ମତ୍ସ୍ୟଜୀବୀମାନଙ୍କୁ, ୨୩ ତାରିଖ ସୁଦ୍ଧା ଉପକୂଳକୁ ଫେରିବାକୁ ପରାମର୍ଶ ଦିଆଯାଇଛି।**